# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୧୯ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୦୯ ତାରିଖ: ୦୪.୦୩.୨୦୨୪

# ଝାରସୁଗୁଡା

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ ପାଗ ମୁଖ୍ୟତଃ ଶୁଷ୍କ ରହିବାର ସମ୍ଭାବନା ଅଛି କିନ୍ତୁ ଏହି ସମୟ ଅବଧିରେ ଆକାଶ ପ୍ରଥମେ ସଫା ଏବଂ ପରେ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨୮ ରୁ ୩୩ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୮ ରୁ ୨୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୩୦% ରୁ ୫୨% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୯% ରୁ ୨୫% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୯ ରୁ ୧୫ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର ପୂର୍ବ କିମ୍ବା ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | ୦୫-୦୩-୨୦୨୪ | ୦୬-୦୩-୨୦୨୪ | ୦୭-୦୩-୨୦୨୪ | ୦୮-୦୩-୨୦୨୪ | ୦୯-୦୩-୨୦୨୪ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 28 | 32 | 32 | 33 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 20 | 20 | 19 | 18 | 18 |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | 1 | 1 | 3 | 2 | 0 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 52 | 37 | 43 | 52 | 30 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 25 | 21 | 23 | 23 | 19 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 9 | 10 | 12 | 15 | 13 |
| ପବନ ଦିଗ (ଡିଗ୍ରୀ) | 248 | 68 | 45 | 56 | 30 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

## ସାଧାରଣ ଉପଦେଶ

- ଗ୍ରୀଷ୍ମକାଳିନ ପନିପରିବା ଯେପରିକି କଖାରୁ ଜାତୀୟ ପରିବା, ଟମାଟର, ଲଂକା ଇତ୍ୟଦୀ ଚାଷ ପାଇଁ ନର୍ସରୀରେ ବିହନ ବୁଣା ଏବଂ ଭେଣ୍ଡି ଚାଷ ପାଇଁ ଆର୍ଦ୍ର ମାଟିରେ ଖେତକୁ ଜୋତିବା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।
- ବର୍ତ୍ତମାନ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଫସଲରେ ରୋଗ ପୋକ ଆକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଆ ଧାନ | ପିଲ ଅବସ୍ଥା | ଚାଷୀ ଭାଇମାନେ ଘାସମରା ଔଷଧ ହିସାବରେ ବେନସଲଫ୍ୟୁରାନ ମିଥାଇଲ @ ୪ କିଲୋ ପ୍ରତି ଏକର ସହିତ ପ୍ରେଟିଲାକ୍ଲୋରକୁ ମିଶାଇ ଧାନ ରୁଆର ୫ ରୁ ୮ ଦିନ ମଧ୍ୟରେ କିମ୍ବା ୫ ଗ୍ରାମ ପାଇରାଜୋସଲଫ୍ୟୁରାନ ଇଥାଇଲ ୧୦% wp କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ରୋଇବାର ୩ ରୁ ୫ ଦିନ ମଧ୍ୟରେ କିମ୍ବା ବିସ୍ପାରିବେକ୍ ସୋଡିଅମର ୧୨୦ ମିଲୀ କୁ ୧୪୦ ଲିଟର ପାଣିରେ ମିଶାଇ ଏକର ପିଛା ରୋଇବାର ୧୦ ରୁ ୧୫ ଦିନ ମଧ୍ୟରେ ଶୁଷ୍କ ପାଗକୁ ଦେଖି ସିଂଚନ କରନ୍ତୁ । ଏହି ଅବସ୍ଥାରେ ୟୁରିୟା ସାରର ପ୍ରୟୋଗ ଆର୍ଦ୍ର ଭୂମିରେ କରିବାକୁ ପରାମର୍ଶ ଦିଆଯାଇଅଛି । |
| ମୁଗ ଏବଂ ବିରି (ଖରା ଦିନିଆ) | ବନସ୍ପତି ବିକାସ | ପ୍ରଚଳିତ ପାଣିପାଗରେ ମୁଗ ଓ ବିରି ଖେତରେ ଜଉ ପୋକ ଲାଗିବାର ସମ୍ଭାବନା ବଢ଼ିପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ଏବଂ ପୋକ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ୍ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରନ୍ତୁ । ଯଦି ମୁଗ ଓ ବିରି ଜାତୀୟ ଫସଲରେ ସାହେବୀ ରୋଗର ଲକ୍ଷଣ ଦେଖାଯାଏ ଯାହାକି ଧଳା ମାଛି ଦ୍ବାରା ବ୍ୟାପିଥାଏ ତେଣୁ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ଏକର ପିଛା ୪୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ରୁ ୨୫୦ ଲିଟର ପାଣିରେ ମିଶାଇ ଶୁଷ୍କ |

| | | |
|---|---|---|
| | | ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । |
| ରାଶି | ବନସ୍ପତି ବିକାସ | ଗଛ ୧୫ ଦିନ ହୋଇଯିବା ପାରେ ସେଥିରେ ପ୍ରଥମ କୁଡା ଖୋସା, ଘାସ ସଫା ଏବଂ ଘନ ହୋଇଯାଇଥିବା ଗଛକୁ ଉପାଡିବା କାର୍ଯ୍ୟ କରାଯିବା ଉଚିତ । ଅବଶିଷ୍ଟ ୟୁରିୟା ସାରକୁ ପ୍ରଥମ କୁଡା ଖୋସା ଏବଂ ଘାସ ସଫା କରିବା ସମୟରେ ପ୍ରୟୋଗ କରନ୍ତୁ । ୪ ରୁ ୫ ପତ୍ର ହୋଇଥିବା ଅବସ୍ଥାରେ ମାଟିରେ ଆର୍ଦ୍ରତା ରହିବା ଦରକାର ତେଣୁ ସେଥିରେ ଗୋଟେ ଜଳସେଚନ ଦେବା ପାଇଁ ପରାମର୍ଶ ଦିଆଯାଇଅଛି । |
| ସୋରିଷ | କାଟିବା ଏବଂ ସୁଖେଇବା ଅବସ୍ଥା | ଆଗକୁ ବର୍ଷା ହେବାର ସମ୍ଭାବନା କମ ଅଛି  ତେଣୁ ଚାଷୀ ଭାଇମାନଙ୍କୁ ପାଚିଯାଇଥିବା ସୋରିଷର କାଟିବା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ଏବଂ ବାହାରେ ଖରାରେ ଭଲରେ ସୁଖେଇଲା ପରେ ଫସଲକୁ ସୁରକ୍ଷିତ ଜାଗାରେ ରଖିବାକୁ ପରାମର୍ଶ ଦିଆଯାଇଅଛି । |
| ଆମ୍ବ | ପୁଷ୍ପ ଏବଂ ସୋରିଷ ଆକାରର ଫଳ ଅବସ୍ଥା | ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ୍ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ  ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି । ପୂର୍ଣ୍ଣତଃ ଫୁଲ ଫୁଟିବା ସମୟରେ କୀଟନାଶକ ଔଷଧର ବ୍ୟବହାର ଅଧିକ ଜରୁରୀ ନ ହେଲେ ସ୍ଥଗିତ ରଖିବା ଉଚିତ କାରଣ ଏହା ଉପକାରୀ କୀଟଙ୍କ ସଂଖ୍ୟାକୁ ହ୍ରାସ କରିପାରେ ଯାହା ପରାଗଣରେ ସାହାଯ୍ୟ କରିଥାଏ । ଆମ୍ବ ଗଛରେ ଧଳା ପାଉଡରର ସ୍ତର ଲାଗିରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରାନ୍ତୁ । ଯଦି ଆମ୍ବ ଗଛରେ ଫଳ ସୋରିଷ ଆକାରର ହୋଇଗଲାଣି ସେଥିରେ ୨ ପ୍ରତିଶତ $KNO_3$ ର ପ୍ରୟୋଗ କରିପାରିବେ କାରଣ ଏହା ଆଗକୁ ଫଳର ଆକାର ବୃଦ୍ଧି କରିବାରେ ସହାୟକ ହୋଇଥାଏ । |
| ଭେଣ୍ଡି, ବାଇଗଣ ଏବଂ ଟମାଟର | ବନସ୍ପତି ବିକାସ, ପୁଷ୍ପ ଏବଂ ଫଳ ଅବସ୍ଥା | ଯଦି ବାଇଗଣ ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଳୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । |
| ଗାଈ | ପଶୁମାନଙ୍କୁ ଖୁରା ରୋଗ, HS ଏବଂ BQ ରୋଗର ସଂକ୍ରମଣରୁ ରକ୍ଷା କରିବା ପାଇଁ ଏହାର ଟୀକାକରଣ ନିଶ୍ଚୟ କରାନ୍ତୁ । ଗୁହାଳକୁ ସବୁବେଳେ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ ଏବଂ ରୋଗିଣା ପଶୁମାନଙ୍କୁ ସୁସ୍ଥ ପଶୁମାନଙ୍କଠୁ ଅଲଗା ରଖନ୍ତୁ । ପଶୁମାନଙ୍କୁ ତାଜା ଓ ସ୍ୱଚ୍ଛ ପାଣି ଯୋଗେଇବର ପ୍ରବନ୍ଧ କରନ୍ତୁ । | |

---



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।